1230

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ,
ଲୋକସେବା ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 23684 /ଭୁ.ଉ.କ.,ଭୁବନେଶ୍ୱର ତା 31.12.20 ରିଖ
Planning (ENV&PSM)-15/16

# ନୋଟିସ୍

ଏକାମ୍ର କ୍ଷେତ୍ରର ଐତିହ୍ୟ ସୁରକ୍ଷା ପରିପ୍ରେକ୍ଷୀରେ ଓଡିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍ ୨୦୨୦ (ଯୋଜନା ଓ ଗୃହ ନିର୍ମାଣ ଆଇନ)ର ନିୟମ ୫୨ ଏବଂ ଅଧିନିୟମ (୧) ଅନୁଯାୟୀ ସ୍ୱତନ୍ତ୍ର ନିୟମାବଳୀ କାର୍ଯ୍ୟକାରୀ କରାଯିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ତା-୨୨.୦୯.୨୦୨୦ ରିଖରେ ଏକ ବିଜ୍ଞପ୍ତି (Heritage Signage Guidelines for Ekamra Kshetra) ପ୍ରକାଶିତ ହୋଇଅଛି । ଐତିହ୍ୟ ଜିଲ୍ଲା (Heritage District) ଭୁବନେଶ୍ୱର ମଧ୍ୟରେ ଉପସ୍ଥିତ ବ୍ୟବସାୟୀକ/ଦୋକାନଗୁଡିକର ବିଜ୍ଞାପନ ଫଳକ ସ୍ଥାପନ କରିବା ନିମନ୍ତେ ନିୟନ୍ତ୍ରଣ ପଦକ୍ଷେପ ତଥା ବିଶେଷ ନିର୍ଦ୍ଦେଶବଳୀ ଉକ୍ତ ବିଜ୍ଞପ୍ତିରେ ପ୍ରକାଶ କରାଯାଇଅଛି ।

ଏହି ନିୟମକୁ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ମାଉସୀମା ଛକ ଠାରୁ ବଡେଇବାଙ୍କ ଛକ (ରଥ ରୋଡ୍)ର ଉଭୟ ପାର୍ଶ୍ୱରେ ଅବସ୍ଥାପିତ ସମସ୍ତ ଦୋକାନଗୃହ ମାଲିକ, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବ୍ୟବସାୟୀକ ପ୍ରତିଷ୍ଠାନ ଗୁଡିକୁ ସେମାନଙ୍କର ଦୋକାନଗୃହ ବିଜ୍ଞାପନ ବୋର୍ଡ ଇତ୍ୟାଦି ପରିବର୍ତ୍ତନ କରି ଉକ୍ତ ବିଜ୍ଞପ୍ତି ଅନୁସାରେ ନିର୍ଦ୍ଧାରିତ ରଙ୍ଗ, ଡିଜାଇନ୍ ଅନୁଯାୟୀ **(ପରିଶିଷ୍ଟ-୧)** ନୂଆ ବିଜ୍ଞାପନ ବୋର୍ଡ **୧** ମାସ ମଧ୍ୟରେ ଲଗାଇବାପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଯଦି କୌଣସି ବ୍ୟକ୍ତିବିଶେଷ/ଅନୁଷ୍ଠାନ ଏହି ନିର୍ଦ୍ଦେଶନାମାକୁ ଅନୁପାଳନ ନ କରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏତଦ୍ ବ୍ୟତିତ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ ଦୋକାନଗୃହ ମାଲିକ, ବ୍ୟାଙ୍କ, ବିଜ୍ଞାପନ ସଂସ୍ଥା ଓ ସର୍ବସାଧାରଣଙ୍କୁ ଏକାମ୍ର କ୍ଷେତ୍ରର ସୌନ୍ଦର୍ଯ୍ୟ କରଣ, ପରିବେଶ ସୁରକ୍ଷା ତଥା ଐତିହ୍ୟର ସୁରକ୍ଷା ନିମନ୍ତେ ଏହାକୁ ଏକ ସୁଯୋଗରୂପେ ବିବେଚନା କରିବାପାଇଁ ଅନୁରୋଧ କରାଯାଉଅଛି ।

ଉକ୍ତ ନିର୍ଦ୍ଦେଶନାମା ଉପରୋକ୍ତ ବିଜ୍ଞାପନ ପ୍ରକାଶନମାତ୍ରେ କାର୍ଯ୍ୟକ୍ଷମ ହେବ ।

**ଉପାଧ୍ୟକ୍ଷ**
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ,ଭୁବନେଶ୍ୱର**

ଜ୍ଞାପକ ସଂଖ୍ୟା 23685 /ବି.ଡି.ଏ., ଭୁବନେଶ୍ୱର ତା 31.12.20 ରିଖ

ଏହାର ଏକକିତା ନକଲ ଅତିରିକ୍ତ କମିଶନର ଓ ପ୍ରବର୍ତ୍ତନ ସଦସ୍ୟ,ଭୁ.ଉ.କ/ଅତିରିକ୍ତ କମିଶନର (ପ୍ରବର୍ତ୍ତନ),ବି.ଏମ୍.ସି/ ଆଞ୍ଚଳିକ ଉପକମିଶନର (ଦକ୍ଷିଣ),ବି.ଏମ୍.ସି/ଉପକମିଶନର (ଭୂମି),ବି.ଏମ୍.ସିଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ,ଭୁବନେଶ୍ୱର

ଜ୍ଞାପକ ସଂଖ୍ୟା 23686 /ବି.ଡି.ଏ., ଭୁବନେଶ୍ୱର ତା 31.12.20 ରିଖ

ଏହାର ଏକକିତା ନକଲ ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ (Notice Board), ଭୁ.ଉ.କ/ ପରିଚାଳକ (ସୂଚନା ଓ ପ୍ରଯୁକ୍ତି ବିଦ୍ୟା), ଭୁ.ଉ.କ. କୁ ବି.ଡି.ଏ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଇବାପାଇଁ ପ୍ରେରଣ କରାଗଲା ।

ସଚିବ

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ,ଭୁବନେଶ୍ୱର

**ପରିଶିଷ୍ଟ -୧**

**ଏକାମ୍ର କ୍ଷେତ୍ର ଅଞ୍ଚଳରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କରେ ନିର୍ଦ୍ଦିଷ୍ଟ ଢଙ୍ଗର ନାମ ଫଳକ ଲଗାଇବା ନିମନ୍ତେ ନିର୍ଦ୍ଧାରିତ ନିୟନ୍ତ୍ରଣ ପଦକ୍ଷେପ ଏବଂ ନିର୍ଦ୍ଦେଶାବଳୀ ।**

**କ. ନିୟନ୍ତ୍ରଣ ପଦକ୍ଷେପ:-**

୧. ଏକାମ୍ରକ୍ଷେତ୍ର ଅଞ୍ଚଳ ହୋର୍ଡିଂମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଅଛି । ତେଣୁ ସମସ୍ତ ସରକାରୀ ଏବଂ ବେସରକାରୀ ସ୍ଥାନରେ ଥିବା ହୋର୍ଡିଂ ଗୁଡିକୁ କାଢିନିଆଯିବ । ରାଜ୍ୟ ସରକାରଙ୍କ ବିଜ୍ଞାପନ ନିୟମ ଅନୁସାରେ ଏହି ଅଞ୍ଚଳର ବିଜ୍ଞାପନ ଶୈଳୀକୁ ଆଦୃତ କରାଯିବ ।

୨. ଯେଉଁ ସାଇନ୍ ବୋର୍ଡ ଗୁଡିକ ପୂର୍ବସ୍ଥିତ କୋଠା ଗୁଡିକର ସ୍ଥାପତ୍ୟ ଗୁଣାବଳୀକୁ ବାଧା ଦେଉଛି, ନଷ୍ଟ କରୁଛି କିମ୍ବା କ୍ଷତି ପହଞ୍ଚାଉଛି, ସେଗୁଡ଼ିକୁ ଅପସାରଣ କରାଯିବ ।

୩. ଐତିହ୍ୟ ଅଞ୍ଚଳର ସମସ୍ତ ବିଜ୍ଞାପନ ବୋର୍ଡ, ପୂର୍ବ ଅବସ୍ଥିତ ଘର ଏବଂ ମନ୍ଦିର ପ୍ରଭୃତିର ମୌଳିକତା ନଷ୍ଟ ନକରୁଥିବା ତଥା ସମଦୃଶ୍ୟ ହେବା ଆବଶ୍ୟକ ।

୪. କୌଣସି ବିଜ୍ଞାପନ ଫଳକ ପାରମ୍ପରିକଭାବେ କରାଯାଇଥିବା ଇଟା, ମାଙ୍କଡା ପଥର, ସାହାଣା ପଥର, ଟେରାକୋଟା ଏବଂ ଟାଇଲ୍ କାନ୍ଥ ଇତ୍ୟାଦି ଉପରେ ରଙ୍ଗ ଲଗାଇ ଚିତ୍ରିତ ହୋଇପାରିବ ନାହିଁ ।

୫. ଐତିହ୍ୟ କ୍ଷେତ୍ର ମଧ୍ୟରେ କାନ୍ଥ ଇତ୍ୟାଦି ଉପରେ ରଙ୍ଗ ଲଗାଇ ବିଜ୍ଞାପନ ଚିତ୍ରିତ କରିବା ସଂପୂର୍ଣ୍ଣ ନିଷେଧ କରାଯାଇଅଛି । ଏହିପ୍ରକାର ସମସ୍ତ ଚିତ୍ରିତ ବିଜ୍ଞାପନ ଗୁଡ଼ିକୁ ଉପରୋକ୍ତ ନିର୍ଦ୍ଦେଶ ଅନୁଯାୟୀ ମୂଳ କୋଠା ବା କାନ୍ଥର ରଙ୍ଗ ଅନୁଯାୟୀ ପୁନଃ ଚିତ୍ରିତ କରାଯିବା ଜରୁରୀ ।

୬. ଦୋକାନ ଗୁଡିକର ସାମ୍ନାରେ ତୃତୀୟ ପକ୍ଷ ବ୍ୟବସାୟ/ଡିଲରସିପ୍ (ଜାତୀୟ ଏବଂ ଆନ୍ତର୍ଜାତୀୟ କମ୍ପାନୀ) ର ବିଜ୍ଞାପନ ବୋର୍ଡ ଲଗାଇବାକୁ ନିଷେଧ କରାଯାଇଅଛି ।

୭. ଯେତେଦୂର ସମ୍ଭବ ରାସ୍ତାର ଦୃଶ୍ୟପଟ ସହ ସାମଞ୍ଜସ୍ୟ ରଖି ପ୍ରତ୍ୟେକ ଦୋକାନର ବିଜ୍ଞାପନ ଫଳକ ସ୍ଥାପନ କରାଯିବା ଆବଶ୍ୟକ ।

୮. ଦୋକାନ ଘରର ବିଜ୍ଞାପନ ଫଳକ ଗୁଡିକ ପୂର୍ବ ଅବସ୍ଥିତ ଐତିହ୍ୟ ସଂପର୍ଣ୍ଣ ଗୃହରାଜିର ସମ୍ମୁଖଭାଗ ସହ ସାମଞ୍ଜସ୍ୟ ରଖିବାସହ ଏହି ସ୍ଥାନର ସ୍ଥାପତ୍ୟିକ ବୈଶିଷ୍ଟ୍ୟ ପ୍ରତି ହାନିକାରକ ନ ହେବା ଆବଶ୍ୟକ ।

୯. ଯେଉଁ କୋଠାରେ ଏକାଧିକ ବ୍ୟକ୍ତିଙ୍କର ମାଲିକାନା ରହିଅଛି , ସେଠାରେ ନାମଫଳକ ବା ବିଜ୍ଞାପନ ଫଳକ ଗୁଡିକ ସଂପୃକ୍ତ କୋଠାର ଆକାର, ପୃଷ୍ଠ ରଙ୍ଗ, ଢଙ୍ଗ, ବାହ୍ୟ ଆକୃତି, ସାଇନ୍‌ବୋର୍ଡ ଲଗାଇବାର ପଦ୍ଧତି ତଥା ଏହାର ଆଲୋକୀକରଣ ଇତ୍ୟାଦି ସଂପୃକ୍ତ କୋଠାର ଶୈଳୀକୁ ମାନିଲାଭଳି ହେବା ଦରକାର ।

୧୦. ପାଖାପାଖି ଅବସ୍ଥିତ ଅନୁରୂପ ଘରଗୁଡିକର ବିଜ୍ଞାପନ ଫଳକ ଗୁଡିକ ଯେତେଦୂର ସମ୍ଭବ ଏକାଭଳି ହେବା ଆବଶ୍ୟକ ।

୧୧. ନୂଆ ବିଜ୍ଞାପନ ଫଳକ ଲଗାଇବାକୁ ହେଲେ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ଆବଶ୍ୟକ ।

୧୨. ପୂର୍ବରୁ ପାରମ୍ପରିକ ଶୈଳୀରେ ଲେଖା (ଖୋଦିତ) ବିଜ୍ଞାପନ ଫଳକ ଯେତେଦୂର ସମ୍ଭବ ଅକ୍ଷୁର୍ଣ୍ଣ ରଖାଯିବ । (Fig.4)

୧୩. ଏ.ଟି.ଏମ୍ ଘର ଗୁଡିକରେ ଗ୍ରାହକଙ୍କ ନିମନ୍ତେ ସଂପୃକ୍ତ ବ୍ୟାଙ୍କର ନାମ ଏବଂ ଲୋଗୋ ଇତ୍ୟାଦି ଏହାର କାଚ କବାଟର ଅନ୍ତଃ ପାର୍ଶ୍ୱରେ ଲେଖାଯାଇ ପାରିବ । କିନ୍ତୁ ଏ.ଟି.ଏମ୍ କୋଠରୀର ଉପର ପାର୍ଶ୍ୱର ନାମଫଳକ ଅନ୍ୟ ଦୋକାନଭଳି ଅନୁମୋଦିତ ଢଙ୍ଗରେ ହେବ ।

**ଖ–ବିଶେଷ ନିର୍ଦ୍ଦେଶାବଳୀ:–**

କ) **ବିଜ୍ଞାପନ ଫଳକର ମାପ ଓ ଆକାର**

- ବିଜ୍ଞାପନ ଫଳକର ଉଚ୍ଚତା ୬୦୦ ମିଲିମିଟର (600mm) ରହିବ ଏବଂ ଲମ୍ୱ (ପ୍ରସ୍ଥ) ସେହିସ୍ଥାନର ଉପଲବ୍ଧ ଜାଗା ଅନୁଯାଇ ସ୍ଥିର କରାଯିବ । ତେବେ ଗୋଟିଏ କୋଠାରେ ଅଧିକ ସଂଖ୍ୟକ ଦୋକାନ ଥିଲେ, ସମାନ ଅନ୍ତରାଳ ରଖି ଫଳକ ଗୁଡିକର ପ୍ରସ୍ଥ ଏବଂ ସ୍ଥାପନା ଶୈଳୀ ସ୍ଥିର କରାଯିବ ।




*Figure 1 Size specifications of shop signage*

**ଖ) ସ୍ଥାନ ଚୟନ:–**

- ଘରର ନିମିଟାଲ୍ ଏବଂ ଛାତସ୍ତର ମଧ୍ୟରେ ଉପଲବ୍ଧ ସ୍ଥାନରେ ସାଇନ୍‌ବୋର୍ଡ ସ୍ଥାପନ କରାଯିବା ଦରକାର । ଯେଉଁ କୋଠାରେ ଏକାଧିକ ବିଜ୍ଞାପନ ଫଳକ ଲଗାହେବ, ସେହି ସମସ୍ତ ଫଳକ ସମାନ ଆକାରର ହେବା ଦରକାର । ଏହି ଫଳକ ଗୁଡିକ ଉପଲବ୍ଧ ଖାଲି ସ୍ଥାନ ତଥା ପାର୍ଶ୍ୱବର୍ତ୍ତୀ ଘରର ଫଳକର ଆକାର ଏବଂ ସ୍ଥାନୀକରଣକୁ ଦୃଷ୍ଟିଦେଇ ସମାନଭାବରେ ଲଗାଯିବ ।
- ନାମଫଳକ ଲଗାଇବାହେତୁ ଯେପରି ପୂର୍ବସ୍ଥିତ କୋଠା ବା କୋଠାଘର ଗୁଡିକର ସ୍ଥାପତ୍ୟ ଶୈଳୀ ଦବିଯିବ ନାହିଁ ବା ଲୁଚିଯିବ ନାହିଁ, ଏହା ନିଶ୍ଚିତ କରାଇବାକୁ ହେବ । କାନ୍ଥରେ ଥିବା ଇଟା ବା ପଥରକୁ ଖୋଲି ସେଥିରେ ନାମ ଫଳକ ଲଗାଇବା ଅନୁଚିତ୍ । ଏହି ଫଳକକୁ ଯୋଡେଇ ସ୍ଥାନରେ ଲଗାଇବାକୁ ହେବ ।
- ଗୃହ ସମ୍ମୁଖରେ ଆର୍ଚ (Arch) ବା ଖିଲଣ ଥିଲେ ଏହାର ସ୍ଥିତିକୁ ଲକ୍ଷ୍ୟ କରି ଏହାର ମଧ୍ୟ ବିନ୍ଦୁର ଦୁଇ ପାର୍ଶ୍ୱରେ ସମାନ ଅନ୍ତରାଳ ରଖି ଫଳକ ଲଗାଯିବା ଆବଶ୍ୟକ ।

ଗ) **ରଙ୍ଗ:–**

- ପ୍ରତ୍ୟେକ ଦୋକାନର ନାମ ଫଳକର ପୃଷ୍ଠ ରଙ୍ଗ ଇଷତ୍ ଧଳା ହେବ । (Fig.2&3)
- ପାର୍ଶ୍ୱ ବା ଧଡି ଏବଂ ଅକ୍ଷର ଗୁଡିକ ନାଳିମାଟି ବା ଗେରୁଆ ରଙ୍ଗ ହେବ ।

- ଲୋଗୋ (Logo) ଇତ୍ୟାଦି ନିମନ୍ତେ ରଙ୍ଗ ଜନିତ ନିୟନ୍ତ୍ରଣ ନାହିଁ ।

ଘ) **ଲେଖା:–**

- ନାମ ଫଳକ ଗୁଡିକରେ ବ୍ୟବସାୟର ନାମ ଏବଂ/କିମ୍ୱା ମାଲିକଙ୍କ ନାମ ଏବଂ ଆବଶ୍ୟକ ସ୍ଥଳେ ସଂପୃକ୍ତ କୋଠାର ସୂଚନା ଦିଆଯାଇପାରେ ।
- ସଂପୃକ୍ତ ବ୍ୟବସାୟ ପ୍ରତିଷ୍ଠାନରେ କେଉଁ ପ୍ରକାର ବ୍ୟବସାୟିକ ସେବା ଯୋଗାଇ ଦିଆଯାଉଅଛି, ତାହାର ସଂକ୍ଷିପ୍ତ ସୂଚନା ଦିଆଯାଇପାରେ ।
- ଲୋଗୋ ବ୍ୟତିରେକ ଅନ୍ୟ କୌଣସି ଛବି/ଚିତ୍ର ଏହି ଫଳକରେ ଲେଖାଯିବା ନିଷେଦ୍ଧ ।

ଙ) **ପାର୍ଶ୍ୱ ବା ଧଡି:–**

- ତ୍ରିରଥ ଶୈଳୀରେ ଡିଜାଇନ୍ କରାଯାଇଥିବା ନିମ୍ନ ପ୍ରଦର୍ଶିତ ଧଡି ବ୍ୟବହାର କରାଯିବ ।
  (Fig.2&3)




*Figure 2 : Suggested border design for Business/Shop signs*

ଚ) **ଆଲୋକୀକରଣ:–**

- ଯେଉଁ ନାମ ଫଳକ ପାଇଁ ଆଲୋକୀକରଣର ଆବଶ୍ୟକତା ରହିଛି, ସେ କ୍ଷେତ୍ରରେ ବାହାରୁ ଲାଇଟ୍ ପକାଇ ଆଲୋକୀକରଣ କରାଯାଇପାରେ ।
- ନାମ ଫଳକର ପୃଷ୍ଠଭାଗରୁ ବା ଭିତରୁ ଲାଇଟ୍ ଜଳାଇ ଆଲୋକିତ କରିବା ତଥା ନିଅନ (Neon) ଲାଇଟ୍‌ର ବ୍ୟବହାର ନିଷେଦ୍ଧ କରାଯାଇଅଛି ।

ଛ) **ଅକ୍ଷରର ଉଚ୍ଚତା:–**

- ଭଲଭାବେ ପଢିହେବା ନିମନ୍ତେ ଅକ୍ଷର, ଗ୍ରାଫିକ୍ ବା ଲୋଗୋ ଗୁଡିକ ୧୦୦ ରୁ ୨୦୦ ମିମି (100-200 mm) ମଧ୍ୟରେ ହେବା ଦରକାର ।
- ତେବେ ମୂଳଲେଖା ତୁଳନାରେ ସହାୟକ ଲେଖା ଗୁଡିକର ଉଚ୍ଚତା ୭୫ ରୁ ୯୦ ମିମି (75-90 mm) ହେବା ଦରକାର ।




*Figure 3: Illustrations for suggested shop signage*

ଜ) **ଅକ୍ଷରର ଢଙ୍ଗ:-**

- ଦୋକାନର ନାମ ଏବଂ ସହାୟକ ଲେଖା ଗୁଡିକର ଅକ୍ଷର ପ୍ରାଞ୍ଜଳଭାବେ ଲେଖା ହେବା ଦରକାର  ତଥା ଇଂରାଜୀ ଲିଖିତ ଶବ୍ଦ ଗୁଡିକ Upper Case ରେ ଲେଖାଯିବା ଦରକାର  । (Fig.3)

ଝ) **ଭାଷା:-**

- ପ୍ରତ୍ୟେକ ବିଜ୍ଞାପନ ଫଳକର ଭାଷା ନିଶ୍ଚିତ ଓଡିଆ ହେବା ବାଧତାମୂଳକ । ଏହା ସହ ଆବଶ୍ୟକ ପଡିଲେ ଏହା ସାଙ୍ଗକୁ  ଇଂରାଜୀ ଭାଷାରେ ଲେଖାଯାଇପାରିବ  ।
- ଓଡିଶା ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ (ସଂଶୋଧନ) ନିୟମ- ୨୦୧୮ ( Odisha Shops & Commercial Establishment (Amendment)  Act, 2018) ର ନିୟମ ଅନୁସାରେ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକରେ ଥିବା ନାମ ଫଳକର ଲେଖା ଓଡିଆ ଭାଷାରେ ହେବା ବାଧ୍ୟତାମୂଳକ  ।
- ଆବଶ୍ୟକ ହେଲେ ଏହା ସହିତ ଇଂରାଜୀରେ ସହାୟକ ଅକ୍ଷର ଢଙ୍ଗରେ ଲେଖାଯାଇପାରେ  ।
- ତେବେ ପ୍ରତିଷ୍ଠାନର ଠିକଣା ଏବଂ ସେଠାରେ କେଉଁ ବ୍ୟବସାୟିକ ସେବା ଯୋଗାଇ ଦିଆଯାଉଛି  ତାହାର ସୂଚନା ଇତ୍ୟାଦି ଓଡିଆରେ ରହିବା ଉଚିତ୍  ।




*Fig 4:- Sample illustration showing before and after installation of signage on the shop front.*




COLOR CODE - Border Color Terra Cota Red

Base Color - Off White

# If No Logo, Text Will be in centre




COLOR CODE - Border Color Terra Cota Red

Base Color - Off White